# Akashvani, Sambalpur

## SAMBALPURI NEWS BULLETIN

### 31 May 2024- 6.47- 6.52 am.

*********************************************

୭ ନମ୍ବର୍ ଖେପ୍ ନିର୍ବାଚନ୍- ପ୍ରଚାର୍ ଶେଷ୍

ଆର୍‌ଏନ୍‌ୟୁ ସମ୍ବଲପୁର

ରାଏଜେ ଶେଷ୍ ଖେପେ ଆଏବାକାଏଲ୍ ମୟୁର୍‌ଭଞ୍ଜ୍, ବାଲେଶ୍ୱର୍, ଭଦ୍ରକ୍, ଯାଜ୍‌ପୁର୍, କେନ୍ଦ୍ରାପଡ଼ା ଆର୍ ଜଗତ୍‌ସିଂହପୁର୍ ଲୋକସଭା ଆସନ୍ ସହେତେ ଇତାର୍ ଅଧୀନ୍‌ଥି ଥିବା ୪୨ ଟା ବିଧାନ୍‌ସଭା ଆସନ୍ ଲାଗି ଭୋଟ୍ ହେବା । ଇଥି ୬ ଟା ଲୋକ୍‌ସଭା ଆସନ୍ ଲାଗି ମୋଟ୍ ୬୬ ଝନ୍ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ । ସେନ୍ତା ୪୨ ଟା ବିଧାନ୍‌ସଭା ଆସନ୍ ଲାଗି ମୋଟ୍ ୩ ଶହ ୯୪ ଝନ୍ ପ୍ରାର୍ଥୀ ରହିଛନ୍ । ସବୁ ମିଶିକରି ୯୯ ଲାଖ୍ ୬୧ ହଜାର୍ ୫୭ ଝନ୍ ମତଦାତା ଭୋଟ୍ ଦେବେ । ଇମାନ୍‌କର୍ ଭିତ୍‌ରେ ୫୦ ଲାଖ୍ ୮୮ ହଜାର୍ ୭୬ ଝନ୍ ପୁରୁଷ, ୪୮ ଲାଖ୍ ୭୨ ହଜାର୍ ୨ ଶହ ୯୪ ଝନ୍ ମହିଳା ଆର୍ ୬ ଶହ ୮୭ ଝନ୍ ତୃତୀୟଲିଙ୍ଗୀ ଭୋଟର୍ ଅଛନ୍ ।

ମତଦାନ୍ ଲାଗି ମୋଟ୍ ୧୦ ହଜାର୍ ୮ ଶହ ୮୨ ଟା ବୁଥ୍ କରାଯାଇଛେ । ଇ ସବୁ ବୁଥ୍ ନ ସଖାଲର୍ ୭ ବଜେନୁ ମତଦାନ୍ ମୁଲ୍ ହେଇକରି ସଞ୍ଝର୍ ୬ ବଜେତକ୍ ଚାଲ୍‌ବା । ସେଆଡ଼େ ମତଦାନ୍‌କେ ଶାନ୍ତିଶୃଙ୍ଖଲା ସହେତେ ସାର୍‌ବାର୍ ଲାଗି ଶହେ ୨୬ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ୍ ବଳ- ସିଏପିଏଫ୍ ନିୟୋଜିତ ହେବେ ବଲି ମୁଖ୍ୟ ନିର୍ବାଚନ୍ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ ।

ବିଶ୍ୱ ତମାଖୁ ବର୍ଜନ୍ ଦିବସ ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ବିଶ୍ୱ ତମାଖୁ ବର୍ଜନ୍ ଦିବସ୍ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ୍ ତର୍‌ଫୁ ୧୯୮୮ ମସିହାନୁ ଆଝିର୍ ଦିନ୍‌କେ ୱାର୍ଲ୍ଡ ନୋ ଟୋବାକୋ ଡେ ଭାବେ ସାରା ପୁର୍‌ଥି ନ ପାଲନ୍ କରାଯାଉଛେ । ଲୁକକୁ ତମାଖୁ ସେବନ୍ ଲାଗି ହେଉଥିବା ସ୍ୱାସ୍ଥ୍ୟ ହାନୀ ବାବ୍‌ଦେ ସଚେତନ୍ କରାବାର୍‌ଟା ଇ ଦିବସ୍ ପାଲନ୍‌ର ମୁଖ୍ୟ ଲକ୍ଷ୍ୟ ଆଏ । ଇ ବଛରର୍ ତମାଖୁ ବର୍ଜନ ଦିବସ୍‌ର ବିଷୟ ହେଉଛେ 'ତମାଖୁ ଶିଳ୍ପର ହସ୍ତକ୍ଷେପ୍‌ନୁ ପିଲାଙ୍କୁ ସୁରକ୍ଷା ଦେବା' । ତମାଖୁଥି ୭ ହଜାର୍‌ନୁ ଅଏତ୍‌କା ବିଷାକ୍ତ ଦରବ୍ ରହିଛେ । ସେଥୁ ୬୦ ଟା ଦରବ୍ କର୍କଟ ରୋଗ୍‌ର ମୂଲ୍ କାରଣ୍ ଆଏ । ତମାଖୁ ସେବନ୍ କଲେ ଫୁସ୍‌ଫୁସ୍, ମୁଖଗହ୍ୱର ଆର୍ ଜିଭେ କର୍କଟ ରୋଗ ଦେଖାଦେସି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ୍‌ର ହିସାବ୍ ଅନ୍‌ସାରେ ତମାଖୁ ସେବନ ଲାଗି ଫି ବଛର୍ ୮୦ ଲାଖ୍ ନୁ ଅଏତ୍‌କା ଲୋକ୍

କର୍କଟ ଆର୍ ମୁଖଗହ୍ବର କର୍କଟ ରୋଗ୍‌ଥି ଜୀବନ୍ ଯାଉଛେ । ୨୦୩୦ ବେଲ୍‌କେ ତମାଖୁ ସେବନ୍‌ନୁ ଏକତୃତୀୟାଂଶ ମୃତ୍ୟୁ କମାବାର୍ ଲାଗି ମିଲିତ ଜାତିସଂଘ ଲକ୍ଷ୍ୟ ରଖିଛେ । ଜାତୀୟ ପରିବାର୍ ସ୍ୱାସ୍ଥ୍ୟ ସର୍ବେକ୍ଷଣ୍ ୨୦୧୯-୨୧ ଅନ୍‌ସାରେ ୧୫ ନୁ ଅଏତ୍‌କା ବୟସର୍ ୯୮ ଲାଖ୍ ୮ ହଜାର୍ ୭ ଶହ ୧୩ ଝନ୍ ତମାଖୁ ସେବନ କରୁଛନ୍ । ସୁସ୍ଥ ଆଉ ଭଲ୍ ଜୀବନ୍ ଲାଗି ତମାଖୁ ନୁ ଦୂରେଇ ରହେବାର୍‌ଟା ଜରୁରୀ ଆଏ । ଇ ଦିବସ୍ ଅବ୍‌ସରେ ଆଏଜ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ସଚେତନତା କାର୍ଯ୍ୟକ୍ରମ୍‌ମାନ୍ ଆୟୋଜନ୍ କରାଯାଉଛେ ।

ଶିକ୍ଷାନୁଷ୍ଠାନ୍ ଜୀବନରକ୍ଷାକାରୀ ତାଲିମ୍  ଆର୍‌ଏନ୍‌ୟୁ /ସମ୍ବଲପୁର

ହୃଦ୍‌ଘାତ ସମିଆଥି ଜୀବନ୍‌ର ସୁରକ୍ଷାର୍ ଲାଗି ବିଶ୍ୱବିଦ୍ୟାଳୟ ଅନୁଦାନ୍ ଆୟୋଗ୍-ୟୁଜିସି ତର୍‌ଫୁ ଶିକ୍ଷକ୍, କର୍ମଚାରୀ ଆର୍ ଛାତ୍ରଛାତ୍ରୀମାନ୍‌କୁ ମୌଲିକ୍ ପ୍ରଶିକ୍ଷଣ୍ ଦିଆଯିବା । ଦକ୍ଷ ହୃଦ୍‌ରୋଗ ବିଶେଷଜ୍ଞମାନେ ଇ ପ୍ରଶିକ୍ଷଣ୍ ଦେବେ । ଇ ବାବ୍‌ଦେ ଆୟୋଗ୍ ତର୍‌ଫୁ ସବୁ ବିଶ୍ୱବିଦ୍ୟାଳୟର୍ କୁଳପତି ଆର୍ କଲେଜ୍ ଅଧ୍ୟକ୍ଷ ମାନ୍‌କୁ ଚିଠି ଲେଖାଯାଇଛେ । ଇ ତାଲିମ୍ ବାଧ୍ୟତାମୂଲକ୍ ହେବା ବଲି ୟୁଜିସି କହିଛେ ।

ବଛର୍‌କ ୧ ଲାଖ୍ ମୃତ୍ୟୁ ହଠାତ୍ ହୃଦ୍‌ଘାତ୍‌ନୁ ହେଉଛେ । ହୃଦ୍‌ଘାତ୍ ହେବାର୍ ୩ ନୁ ୧୦ ମିନିଟ୍ ହେଉଛେ ଗୁରୁତ୍ୱପୂର୍ଣ୍ଣ ସମୟ । ଇ ସମିଆଥି ଉଚିତ୍ ପଦକ୍ଷେପ୍ ଆଉ ସର୍ବନିମ୍ନ ଚିକିତ୍ସା କରାଗଲେ ବହୁତ୍‌ଟେ ଜୀବନ୍‌ର ସୁରକ୍ଷା କରାଯାଇପାର୍‌ବା ବଲି କୁହାଯାଇଛେ ।

ଶ୍ରୀକ୍ଷେତ୍ର-ଭିତର ଚନ୍ଦ୍ର ଯାତ୍ରା ଆର୍‌ଏନ୍‌ୟୁ / ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍ ନ ମହାପ୍ରଭୁଙ୍କର୍ ଭିତର ଚନ୍ଦନ ଯାତ୍ରା ଆଏଜ୍‌ଠାନୁ ମୁଲ୍ ହେବା । ଇ ଅବ୍‌ସରେ ଶ୍ରୀଜୀଉଙ୍କର୍ ଆଲଟ ଲାଗି ଆର୍ ଚନ୍ଦନ ଲାଗି ନୀତି ହେବା । ଆଏବା ରଏବାର୍ ଦିନ ଜ୍ୟେଷ୍ଠ କୃଷ୍ଣ ଏକାଦଶୀ, ୬ ତାରିଖ୍ ସାବିତ୍ରୀ ଅମାବାସ୍ୟା, ୧୨ ତାରିଖ୍ ଶୀତଲ୍‌ଷଷ୍ଠୀ ଆର୍ ୧୮ ତାରିଖ୍ ଦିନ ରୁକ୍ମିଣୀ ହରଣ ଏକାଦଶୀ ତିଥି ନ ଶ୍ରୀମନ୍ଦିର୍‌ର ଜଳକ୍ରୀଡ଼ା ମଣ୍ଡପ୍ ଠାନେ ମାହାପୁରୁଙ୍କର୍ ଜଳକ୍ରୀଡ଼ା ଉତ୍ସବ୍ ହେବା । ମଦନ୍‌ମୋହନ୍ ଆର୍ ଶ୍ରୀଦେବୀ ଆଜ୍ଞାମାଳ ପାଇକରି ରୋହିଣୀ କୁଣ୍ଡ ପାଖର୍ ଜଳକ୍ରୀଡ଼ା ମଣ୍ଡପ୍‌କେ ବିଜେ ହେବେ । ଭିତର ଚନ୍ଦନ ଯାତ୍ରା ସର୍‌ଲା ଉତ୍‌ରୁ ମହାପ୍ରଭୁଙ୍କର୍ ୪୨ ଦିନିଆ ଚନ୍ଦନ୍ ଯାତ୍ରା ପୁରା ହେବା ।

ଭୁବନେଶ୍ୱର୍-ମାଲେସିଆ ବିମାନ୍‌ସେବା  ଆର୍‌ଏନ୍‌ୟୁ
/ସମ୍ବଲପୁର

ଭୁବ୍‌ନେଶ୍ୱର୍‌ନୁ ମାଲେସିଆକେ ସିଧା ବିମାନ୍‌ସେବା ମୁଲ୍ ହେଇଛେ । ଏୟାର୍ ଏସିଆ ତର୍‌ଫୁ ଇ ବିମାନ୍ ସେବା ଜରିଏ ଦୁହି ଇଲାକାର୍ ପର୍ଯ୍ୟଟନ୍ କ୍ଷେତ୍ର ନ ବିକାଶ୍ ଆଉ ଭାରତ୍ ଆର୍ ମାଲେସିଆ ଭିତ୍‌ରେ ଭଲ୍ ସମ୍ପର୍କ ରକ୍ଷା କରାଯାଇପାର୍‌ବା ବଲି କୁହାଯାଇଛେ । ମଙ୍ଗଲ୍‌ବାର୍, ଗୁରୁବାର୍ ଆର୍ ଶନିବାର୍ ହପ୍ତାକ ୩ ଦିନ୍ ଇ ବିମାନ୍ ଚଲାଚଲ୍ କର୍‌ବା । ଏତ୍‌କେ ଭୁବ୍‌ନେଶ୍ୱର୍‌ର ଯାତ୍ରୀମାନେ ସିଧାସଲକ୍ କୁଆଲାମ୍ପୁର୍ ଭିଜା ପାଇପାର୍‌ବେ ।

ସମ୍ବଲ୍‌ପୁର୍- ନୂଆଁ ବିଦ୍ୟୁତ୍ ଲାଇନ୍        ଆର୍‌ଏନ୍‌ୟୁ
/ସମ୍ବଲପୁର

ସମ୍ବଲ୍‌ପୁର୍ ସହରେ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥାକେ ଆହୁରି ଦୁରୁସ୍ତ୍ କର୍‌ବାର୍ ଲାଗି ଅଇଁଠାପାଲିନୁ ରେମେଡ୍ ଛକ୍‌ତକ୍ ଭୁଇଁତଳେ ୩୩ କେଭି ବିଦ୍ୟୁତ୍ ଲାଇନ୍ ବିଛାଯାଇଛେ । ଇ ନୂଆଁ ଲାଇନ୍ ଜରିଏ ରେମେଡ୍, ଅଇଁଠାପାଲି, ବୁଢ଼ାରଜା, ମୁଦିପଡ଼ା, ରେଲ୍‌ୱେ ଷ୍ଟେସନ୍ ଇଲାକାକେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ହେଇପାର୍‌ବା ବଲି ବିଦ୍ୟୁତ୍ ବିତରଣ୍ କମ୍ପାନୀ କର୍ତୃପକ୍ଷ କହିଛନ୍ । ଗଣେଶ ନଗର୍ ଗ୍ରୀଡ୍ ସହେତେ ବିକଳ୍ପ ବ୍ୟବସ୍ଥା ଭାବେ

ଅଇଁଠାପାଲି ଗ୍ରୀଡ୍ ସବ୍ଷ୍ଟେସନ୍ ନ ଭିଲ୍ ନୂଆଁ ଲାଇନ୍‌ଥି ବିଦ୍ୟୁତ୍ ଯୋଗାଣ କରାଯିବା ।

ଭୋଟ୍‌ଗନ୍‌ତି ତାଲିମ୍ ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲା ନ ଏକକାଲୀନ୍ ଲୋକ୍‌ସଭା ଆଉ ବିଧାନ୍‌ସଭା ନିର୍ବାଚନ୍ ଲାଗି ହେଇଥିବାର୍ ଭୋଟ୍‌ଗନ୍‌ତି ବାବ୍‌ଦେ ଗଲାକାଏଲ୍ ଚନ୍ଦ୍ରଶେଖର୍ ବେହେରା ଜିଲ୍ଲାସ୍କୁଲ୍ ନ ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍ କରାଯାଇଥିଲା । ଇଥି ୪ ଶହ ୯୧ ଝନ୍ ଗଣନା ସୁପର୍‌ଭାଇଜର୍, ସହାୟକ ଆଉ ମାଇକ୍ରୋ ପର୍ଯ୍ୟବେକ୍ଷକ ମାନ୍‌କୁ ତାଲିମ୍ ଦିଆଯାଇଥିଲା । ପୋଷ୍ଟାଲ୍ ବେଲଟ୍ ଆଉ ଇଭିଏମ୍‌ଥି ରେକର୍ଡ଼ ହେଇଥିବାର୍ ଭୋଟ୍ ଗନ୍‌ତିଥି ମାଇକ୍ରୋ ପର୍ଯ୍ୟବେକ୍ଷକ୍‌ମାନ୍‌କର୍ ଭୂମିକା, ଭିଭିପାଟ୍ ସ୍ଲିପ୍ ବାବ୍‌ଦେ ଇନ ଜିଲ୍ଲାସ୍ତରୀୟ ମାଷ୍ଟର୍ ତାଲିମ୍‌ଦାତାମାନେ ପ୍ରଶିକ୍ଷଣ୍ ଦେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ଆଉ ୨ ଦିନ୍ ଗ୍ରୀଷ୍ମପ୍ରବାହ ଜାରି ରହେବା । ଆଏଜ୍ ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା, ସମ୍ବଲ୍‌ପୁର୍, ବର୍‌ଗଡ଼୍, ସୁବର୍ଣ୍ଣପୁର୍, ବୌଦ୍ଧ, ବଲାଙ୍ଗିର୍ ଆର୍ ନୂଆପଡ଼ା ନ ଜବର୍ ଖରା ହେବା ବଲି ଆଂଚଳିକ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ସତର୍କ କରେଇଛେ । ସେନ୍ତା

ସମ୍ବଲ୍‌ପୁର୍, ବଲାଙ୍ଗିର୍, କଲାହାଣ୍ଡି ଆର୍ ଝାର୍‌ସୁଗୁଡ଼ା ନ ରାତି ଭିଲ୍ ଜବର୍ ଗୁଲ୍‌ଗୁଲି ହେବା । ଗଲାକାଏଲ୍ ରାଜ୍ୟର୍ ସବୁନୁ ଅଏତ୍‌କା ତାତି ଝାର୍‌ସୁଗୁଡ଼ା ନ ୪୭ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ । ସେନ୍ତା ୧୨ ଟା ଜାଗା ନ ତାତି ୪୪ ଡିଗ୍ରୀ ନୁ ଜହ ରହିଥିଲା ।